# NATIONAL NEWS BULLETIN (ODIA)

## 24 June - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜିଠୁ ଆରମ୍ଭ ।

\- ଆସନ୍ତା ଗୁରୁବାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ବନ୍ୟା ପରିଚାଳନା ପାଇଁ ନଦୀଜଳର ଜଳପତ୍ତନ ସମ୍ପର୍କରେ ପୂର୍ବାନୁମାନ କରିବା ଲକ୍ଷ୍ୟରେ ଆଧୁନିକୀକରଣ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱାରୋପ କଲେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।
- ନିଟ୍ ୟୁଜି ୨୦୨୪ ପରୀକ୍ଷାରେ ଅନିୟମିତତାରେ ଜଡିତ ଅଭିଯୋଗରେ ଗିରଫ ଲୋକଙ୍କ ସଂଖ୍ୟା ୧୩କୁ ବୃଦ୍ଧି ।
- ଶ୍ରୀନଗର ପାଇଲା ବିଶ୍ୱ ହସ୍ତଶିଳ୍ପ ସହରର ମାନ୍ୟତା ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଛି ମୁକାବିଲା ।

\- ଆଜି ରାତି ୮ଟାରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ ।

# ପାର୍ଲ୍ୟାମେଣ୍ଟ ସେସନ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ । ଅସ୍ଥାୟୀ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବି.ଜେ.ପି ସଦସ୍ୟ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ । ଆସନ୍ତା ୨୬ ତାରିଖ ଦିନ ଲୋକସଭା ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ଏବଂ ସେହି ଦିନ ରାଜ୍ୟସଭାର ଅଧିବେଶନ ମଧ୍ୟ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ଲୋକସଭାର ଶାସକ ଦଳର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଶପଥ ଗ୍ରହଣ କରିବେ । ଏହାପରେ ଅସ୍ଥାୟୀ ବାଚସ୍ପତିଙ୍କୁ ସହଯୋଗ କରିବା ପାଇଁ ଗଠିତ ହୋଇଥିବା ଅଧ୍ୟକ୍ଷ ପ୍ୟାନେଲର ସଦସ୍ୟମାନେ ଶପଥ ନେବେ । ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ଏହି ଶପଥପାଠ କାର୍ଯ୍ୟ ଅନୁଷ୍ଠିତ ହେବ । ଏହାପରେ କେନ୍ଦ୍ରମନ୍ତ୍ରୀ, ପରିଷଦର ସଦସ୍ୟ ଏବଂ ନୂତନ ନିର୍ବାଚିତ ସଦସ୍ୟମାନେ ଶପଥ ନେବାର କାର୍ଯ୍ୟସୂଚୀ ରହିଛି ।

# ଶାହା-ଫ୍ଲଡ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଭାରତୀୟ ପାଣିପାଗ ବିଭାଗ ଏବଂ କେନ୍ଦ୍ରୀୟ ଜଳ ଆୟୋଗକୁ ଉତ୍ତମ ବନ୍ୟା ପରିଚାଳନା ପାଇଁ ନଦୀଜଳ ଗୁଡ଼ିକର ଜଳପତନ ସମ୍ପର୍କରେ ପୂର୍ବାନୁମାନ କରିବା ପାଇଁ ବ୍ୟବହୃତ ଉପକରଣ ଗୁଡ଼ିକରେ ଆଧୁନୀକିକରଣ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦେଶରେ ଉପୁଜୁଥିବା ବନ୍ୟା ପରିସ୍ଥିତିର ସୁପରିଚାଳନା ପାଇଁ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା ଏହି ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଏସ୍‌ଏମ୍‌ଏସ୍, ଟିଭି, ଏଫ୍‌ଏମ୍ ରେଡ଼ିଓ ଏବଂ ଅନ୍ୟ ଗଣମାଧ୍ୟମ ସହାୟତାରେ ଲୋକଙ୍କୁ ବର୍ଷା, ବଜ୍ରପାତ ଆଦି ସମ୍ପର୍କରେ ସତର୍କ କରାଯିବା ପାଇଁ ପଦକ୍ଷେପ ନିଆଯିବ । ବିଭିନ୍ନ ବିଭାଗ ଦ୍ୱାରା ସମନ୍ୱିତ ପାଣିପାଗ ବର୍ଷା ଏବଂ ବନ୍ୟା ସମ୍ପର୍କିତ ସୂଚନା ପ୍ରଦାନ କରିବା ପାଇଁ ବିଭିନ୍ନ ଆପ୍ ଗୁଡ଼ିକ ବିକଶିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମୟରେ ଜୀବନହାନିକୁ ଶୂନ୍ୟସ୍ତରରେ ରଖିବାକୁ ସରକାର ଦୃଷ୍ଟି ଦେଉଛନ୍ତି । ଭାରତୀୟ ପାଣିପାଗ ବିଭାଗ ଏବଂ କେନ୍ଦ୍ରୀୟ ଜଳ ଆୟୋଗକୁ ବନ୍ୟା ପରିଚାଳନା ସମ୍ପର୍କିତ ସମସ୍ତ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଦେଶରେ ଥିବା ସମସ୍ତ ଫ୍ଲଟ୍ ଗେଟ୍ ଏବଂ ପ୍ରମୁଖ ଡ୍ୟାମ୍ ଗୁଡ଼ିକର ବର୍ଷା ପୂର୍ବରୁ ଆବଶ୍ୟକ ମରାମତି କାର୍ଯ୍ୟ ଶେଷ କରିବା ସେ କହିଛନ୍ତି ।

ବନ୍ୟା ନିରୀକ୍ଷଣ କେନ୍ଦ୍ର ଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଆନ୍ତର୍ଜାତିକ ସ୍ତରର ସୁବିଧା ଯୋଗାଇ ଦେବା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ବନ୍ୟା ଏବଂ ଜଳ ପରିଚାଳନା ପାଇଁ ସାଟେଲାଇଟ୍ ପ୍ରଦତ୍ତ ତଥ୍ୟ ଓ ଫଟୋ ଗୁଡ଼ିକର ସହାୟତା ନେବାକୁ ସେ କହିଛନ୍ତି । ବନାଗ୍ନି ପ୍ରତିହତ କରିବା ଲାଗି ଜଙ୍ଗଲରେ ଥିବା ଶୁଖିଲା ପତର ଏବଂ ଡାଳଗୁଡ଼ିକୁ ସଫା କରିବା ସହ ଏଥିପାଇଁ ସ୍ଥାନୀୟ ଲୋକ ଏବଂ ବନବିଭାଗ କର୍ମଚାରୀଙ୍କୁ ନେଇ ନିୟମିତା ଭାବେ ମକ୍‌ଡ୍ରିଲ କରିବାକୁ ସେ ଜଙ୍ଗଲ ବିଭାଗକୁ ପରାମର୍ଶ ଦେଇଛନ୍ତି ।

ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏନ୍.ଡି.ଏମ୍.ଏ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ବନାଗ୍ନିକୁ ରୋକିବା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ନେବାକୁ କହିଛନ୍ତି । ଏହି ବୈଠକରେ ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ, ସ୍ୱରାଷ୍ଟ୍ୟ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, କେନ୍ଦ୍ର ସ୍ୱରାଷ୍ଟ୍ରସଚିବ ଏବଂ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ମୁମ୍ବାଇ-ଉତ୍ତରାଖଣ୍ଡ ସିଏମ୍ ଭିଜିଟ୍

ଉତ୍ତରାଖଣ୍ଡରେ ଏକକ ନାଗରିକ ସଂହିତାକୁ କାର୍ଯ୍ୟକାରୀ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ପୁଷ୍କର ଧାମିଙ୍କୁ ସମ୍ମାନଜନକ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ସମ୍ମାନ ପ୍ରଦାନ କରାଯାଇଛି । ଦୀପ୍ କମଳ ଫାଉଣ୍ଡେସନ ପକ୍ଷରୁ

ମୁମ୍ବାଇଠାରେ ଗତକାଲି ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଧାମିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଦେଶରେ ଏକକ ନାଗରିକ ସଂହିତା ପ୍ରଚଳନ କରିବାରେ ଉତ୍ତରାଖଣ୍ଡ ହେଉଛି ପ୍ରଥମ ରାଜ୍ୟ । ଏହି ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଶ୍ରୀ ଧାମି ସିଦ୍ଧିବିନାୟକ ମନ୍ଦିର ପରିଦର୍ଶନ କରିଥିଲେ ।

## ବିହାର-ନିଟ୍ ଆରେଷ୍ଟ

ନିଟ୍ ୟୁଜି ୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ଚାଲିଥିବା ତଦନ୍ତରେ ବିହାର ପୁଲିସର ଆର୍ଥିକ ଅପରାଧ ଶାଖା ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ଏଥିପାଇଁ ଗଠିତ ସ୍ୱତନ୍ତ୍ର ଦଳ ଏହାର ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି । ଗଣମାଧ୍ୟମକୁ ସୂଚନା ଦେଇ ବିହାର ପୁଲିସ କହିଛି ଏହି ପରୀକ୍ଷାରେ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଧାର୍ଯ୍ୟ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରିଥିବା ଜଣାପଡିଛି । ପ୍ରଶ୍ନପତ୍ର ପରିବହନ ଏହାକୁ ଗଚ୍ଛିତ ରଖିବା ଏବଂ ପ୍ରଶ୍ନପତ୍ରଗୁଡ଼ିକୁ ହସ୍ତାନ୍ତର କରିବା ସମୟରେ ଅନେକ ପ୍ରକାର ଅନିୟମିତତା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଝାଡ଼ଖଣ୍ଡର ହଜାରିବାଗ ପରୀକ୍ଷାକେନ୍ଦ୍ରରେ ଏଭଳି ଅନିୟମିତତା ଯୋଗୁଁ ପ୍ରଶ୍ନପତ୍ର ଲିକ୍

ହୋଇଛି ବୋଲି ପୁଲିସ କହିଛି । ଏପରିକି ହଜାରିବାଗର ମଣ୍ଡାଇ ରୋଡ଼ସ୍ଥିତ ଓଏସିସ୍ ପରୀକ୍ଷା କେନ୍ଦ୍ରକୁ ଯିବାକୁଥିବା ପ୍ରଶ୍ନପତ୍ର ପାଟ୍‌ନାରେ ପୂର୍ବଦିନ ପହଞ୍ଚିଥିବା ଜଣାପଡିଛି । ଏହି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଜଡିତଥିବା ମୁଖ୍ୟ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ତେବେ ଏହି ଘଟଣାରେ ଜଡିତଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ମଧ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅନୁସନ୍ଧାନ କରାଯାଉଛି ବୋଲି ପୁଲିସ କହିଛି । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରୁ ୬ଜଣଙ୍କୁ ଇତିମଧ୍ୟରେ ପଚରାଉଚରା କରାଯାଇଛି ବୋଲି ପୁଲିସ କହିଛି । ବିହାର ପୁଲିସ କହିଛି ଏହି ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ନିଆଯାଇଛି ।

## ଶ୍ରୀନଗର-ଓ୍ୱାର୍ଲ୍ଡ କ୍ରାଫ୍ଟ ଡେ

ବିଶ୍ୱ ହସ୍ତଶିଳ୍ପ ପରିଷଦ ଦ୍ୱାରା ଜମ୍ମୁ ଓ କାଶ୍ମୀରର ଶ୍ରୀନଗର ସହରକୁ ସରକାରୀ ଭାବେ ବିଶ୍ୱ ହସ୍ତଶିଳ୍ପ ସହରର ମାନ୍ୟତା ପ୍ରଦାନ କରାଯାଇଛି । ଶ୍ରୀନଗର ସହରର ଉଚ୍ଚ ଐତିହ୍ୟ ଏବଂ କାରିଗର ମାନଙ୍କର ଅନନ୍ୟ କୌଶଳକୁ ଆଧାର କରି ଏହି ସମ୍ମାନ ପ୍ରଦାନ କରାଯାଇଛି । ଉପରାଜ୍ୟପାଳ ମନୋଜ ସିହ୍ନା ଏହି ସଫଳତା ପାଇଁ ସହରର ପ୍ରତିଭାବାନ ଶିଳ୍ପୀମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଶ୍ରୀନଗରର ସଂସ୍କୃତି ଏବଂ ପରମ୍ପରାକୁ ଶିଳ୍ପୀମାନେ ବଜାୟ ରଖିବା ସହ ଏହାକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିପାରିଛନ୍ତି ବୋଲି ସେ କହିଛନ୍ତି । ଏହି ଶିଳ୍ପୀମାନଙ୍କୁ

ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜମ୍ମୁ ଓ କାଶ୍ମୀରର ହସ୍ତଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ଉନ୍ନତି ଆଣିବାକୁ ବିଭିନ୍ନ ପଦକ୍ଷେପ ନେଇଥିବା ଶ୍ରୀ ସିହ୍ନା କହିଛନ୍ତି । ଶ୍ରୀନଗରର ହସ୍ତଶିଳ୍ପକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସେ କରିଛନ୍ତି ।

ସୂଚନାଯୋଗ୍ୟ ୨୦୨୧ ମସିହାରେ ୟୁନେସ୍କୋ ଦ୍ୱାରା ଶ୍ରୀନଗରକୁ ହସ୍ତଶିଳ୍ପ କ୍ଷେତ୍ରରେ ମାନ୍ୟତା ମିଳିବା ପରେ ଦ୍ୱିତୀୟଥର ପାଇଁ ହସ୍ତଶିଳ୍ପ ପରିଷଦ ବିଶ୍ୱ ହସ୍ତଶିଳ୍ପ ସହର ଭାବେ ମାନ୍ୟତା ପାଇଛି ।

## ୱିମେନ୍ କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗତକାଲି ଅନୁଷ୍ଠିତ ତୃତୀୟ ଦିନିକିଆ ଆନ୍ତର୍ଜାତିକ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୬ ୱିକେଟ୍‌ରେ ବିଜୟୀ ହୋଇଛି । ଏଥିସହ ସମ୍ପୂର୍ଣ୍ଣ ଦିନିକିଆ ସିରିଜ୍‌କୁ ଭାରତ ଅକ୍ତିଆର କରିଛି । ବେଙ୍ଗାଲୁରୁର ଏନ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ବିନିମୟରେ ୨୧୫ ରନ୍ ସଂଗ୍ରହ କରିଥିଲା । ୨୧୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ

୪ଓ୍ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ଦଳପକ୍ଷରୁ ସ୍ମୃତି ମାନ୍ଧାନା ୫୬ ବଲ୍‌ରୁ ୯୦ରନ୍‌ର ପାଳି ଖେଳିଥିଲେ । ଦିପ୍ତୀ ଶର୍ମାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ସ୍ମୃତି ମାନ୍ଧାନାଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି । ଆସନ୍ତା ଶୁକ୍ରବାର ଦିନ ଦୁଇଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ ।

## କ୍ରିକେଟ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ସୁପର ଏଇଟ୍ ପର୍ଯ୍ୟାୟରେ ଆଣ୍ଟିଗୁଆର ନର୍ଥ ସାଉଣ୍ଡସ୍ଥିତ ସାର୍ ଭିଭିଆନ୍ ରିଚାର୍ଡ୍‌ସ ଷ୍ଟାଡିୟମରେ ଓ୍ୱେଷ୍ଟଇଣ୍ଡିଜ୍ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଦକ୍ଷିଣ ଆଫ୍ରିକା ଟସ୍ ଜିତି ଫିଲ୍‌ଡିଂ କରୁଥିବାବେଳେ ଓ୍ୱେଷ୍ଟଇଣ୍ଡିଜ ବ୍ୟାଟିଂ ଆରମ୍ଭ କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୧୫ ଓଭରରେ ୫ ଓ୍ୱିକେଟ୍ ହରାଇ ୯୭ ରନ୍ ସଂଗ୍ରହ କରିଛି ।

ସେଣ୍ଟଲୁସିଆସ୍ଥିତ ଗ୍ରସ୍ ଇସ୍‌ଲେଟ୍‌ର ଡ୍ୟାରେନ୍ ସାମି ନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମଠାରେ ଆଜି ଭାରତୀୟ ସମୟ ରାତି ୮ଟାରେ ଭାରତ' ଅଷ୍ଟ୍ରେଲିଆକୁ ଭେଟିବ । ଏପର୍ଯ୍ୟନ୍ତ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ୩୧ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ମଧ୍ୟରେ ଭାରତ ୧୯ଟି ମ୍ୟାଚ୍ ଜିତିଥିବାବେଳେ ଅଷ୍ଟ୍ରେଲିଆ ୧୧ଟି ମ୍ୟାଚ୍‌ରେ ବିଜୟଲାଭ କରିଛି ଏବଂ ଗୋଟିଏ ମ୍ୟାଚ୍ ଅମୀମାଂଶିତ ରହିଛି । ପୂର୍ବରୁ ଭାରତ ସୁପର ଏଇଟ୍ ପର୍ଯ୍ୟାୟରେ ଆଫଗାନିସ୍ତାନ ଏବଂ ବାଂଲାଦେଶକୁ ହରାଇଥିବାବେଳେ

ଆଜିର ମ୍ୟାଚ୍‌ରେ ବିଜୟୀ ହେଲେ ଟେବୁଲ ଶୀର୍ଷରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିବ ।

ବ୍ରିଜ୍‌ଟନ୍‌ର କେନ୍‌ସିଙ୍ଗଟନ୍ ଓଭାଲଠାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ' ଆମେରିକାକୁ ୧୦ଓ୍ୱିକେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛି ।